# Akashvani, Sambalpur

## SAMBALPURI NEWS BULLETIN

### 6 January 2025- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ - ରାୟଗଡ଼ା ରେଲ୍‌ମଣ୍ଡଲ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲ୍‌ବେଲା ଆଭାସୀ ଜରିଏ ରାୟଗଡ଼ା ରେଲ୍‌ମଣ୍ଡଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ଆହୁରି ବହୁତ୍‌ଟେ ରେଲ୍ ଭିତିଭୂମି ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବେ । ଇ କାର୍ଯ୍ୟକ୍ରମ୍‌ଥି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେବେ । ରାୟଗଡ଼ା ଠାନେ ଆୟୋଜିତ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରେଲ୍‌ବାଇ ଆର୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତ୍ ସିଂ ବିଟୁଙ୍କର୍ ସହେତେ କୋରାପୁଟ୍ ସାଂସଦ୍, ବିଧାୟକ୍ ଆର୍ ବହୁତ୍ ସିଆନ୍‌ସୁଜନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହି.ସ.

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଲାଗି ୨ ନମ୍ବର୍ ଖେପ୍ ଆବେଦନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଏବା ୨୭ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା । MSP.Odisha.gov.in ଜରିଏ ପୁରସ୍କାର୍ ଲାଗି ଆବେଦନ୍ କରାଯାଇ ପାର୍‌ବା । ଇତାର୍ ଅଧୀନ୍‌ଥି ଶିକ୍ଷକ୍ ପୁରସ୍କାର୍, ମାଧ୍ୟମିକ୍ ବିଦ୍ୟାଳୟ, ପୁରାତନ୍ ଛାତ୍ରଛାତ୍ରୀ କମିଟି , ଗ୍ରାମ୍‌ପଂଚାୟତ୍, ପ୍ରାଥମିକ ବିଦ୍ୟାଳୟ, ପ୍ରଧାନ୍‌ଶିକ୍ଷକ୍ ଆର୍ ବିଦ୍ୟାଳୟ ପରିଚାଳନା କମିଟି ବର୍ଗଥି ଶିକ୍ଷା ପୁରସ୍କାର୍ ଦିଆଯିବା ।

ଚିଲିକା ବିହଙ୍ଗ ଉତ୍ସବ ଆଇ ଆଣ୍ଡ ପିଆର୍

ଭୁବନେଶ୍ୱର ଲୋକସେବା ଭବନ୍ ସମ୍ମିଳନୀ କକ୍ଷଠାନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ନମ୍ବର ଜାତୀୟ ଚିଲିକା ବିହଙ୍ଗ ଉଛବ୍‌ର ଉଦ୍‌ଘାଟନ୍ କର୍‌ବେ । ୧୨ତାରିଖ୍ ତକ୍ ହେବାର୍‌କେ ଥିବା ଉଛବ୍‌ଥି ପକ୍ଷୀ ଦର୍ଶନ, ଓଡ଼ିଶା ବାର୍ଡସ୍ କନ୍‌କ୍ଲେଭ୍, ପକ୍ଷୀ ପଦଯାତ୍ରା, ବନ୍ୟପ୍ରାଣୀଙ୍କ ଉପ୍‌ରେ ପ୍ରାମାଣିକ୍ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା । ସମ୍ମିଳନୀଥି ବିଶେଷଜ୍ଞମାନ୍‌କର୍ ଆଲୋଚନା ଆର୍ କର୍ମଶାଳା କାର୍ଯ୍ୟକ୍ରମ୍ ଭିଲ୍ ହେବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ ୟୁନିଟ୍- ୫ ନ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

କୃଷି ଓଡ଼ିଶା ସମ୍ମିଲନୀ I&PR

ବର୍କସ୍, ସହନଶୀଳ ଆର୍ ଦୀର୍ଘସ୍ଥାୟୀ ଚାଷ୍ ତରିକାକେ ତହଁକାବାର୍ ଲାଗି ରାଜ୍ୟ ସର୍କାର୍ ସବୁବେଲେ ଜୋର୍ ଦେଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ କୃଷି ଓଡ଼ିଶା ସମ୍ମିଲନୀ -୨୦୨୫ ର ଉଦ୍ଯାପନୀ ଉତ୍ସବ୍ଥି କହିଛନ୍ । କାର୍ଯ୍ୟକ୍ରମ୍ଥି ଓଡ଼ିଶାର୍ ଚାଷୀଙ୍କର୍ ଜିନିଷ୍ ଅନ୍ତର୍ଜାତୀୟ ସ୍ତର୍କେ ପୁହଁଚାବାର୍ ଲାଗି ଉଦ୍ୟାନ କୃଷି ବିଭାଗ୍ ଆର୍ ଗୁଟେ ସଂସ୍ଥା ସଙ୍ଗେ ୧୧ ଟା ରାଜିନାମା ସ୍ୱାକ୍ଷର୍ ହେଇଛେ ।

ଚେମ୍ବର୍ସ ଅଫ୍ କମର୍ସ       ହି.ସ.

ସମ୍ବଲ୍‌ପୁର୍ ଜିଲ୍ଲା ନ ଭରି ରହିଥିବା ସମ୍ଭାବନାର୍ ବେଭାର୍ କରିକରି ଜିଲ୍ଲାକେ ଶିଳ୍ପ ଆର୍ ବ୍ୟବସାୟ କେନ୍ଦ୍ରସ୍ଥଲ୍ ବନାବାର୍ ଲାଗି ଆମେ ସଭେ ଯୋଜ୍‌ନା କର୍‌ବାର୍ ଦର୍‌କାର୍ ବଲି ଗଲାକାଏଲ୍ ସମ୍ବଲ୍‌ପୁର୍ ଠାନେ ହେଇଥିବା ଚେମ୍ବର୍ସ ଅଫ୍ କମର୍ସ ବୈଠକ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଜିଲ୍ଲାର୍ ଅର୍ଥନୀତିକେ ମଜ୍‌ବୁତ୍ କର୍‌ବାର୍ ଦିଗେ ଚାମ୍ବର୍ସ ଅଫ୍ କମର୍ସର ବଡ଼ ହାତ ରହିଛେ । ଅଂଚଲ୍‌ର ବିକାଶ୍ ଲାଗି ଆଗ୍‌କେ ଭିଲ୍ ଏନ୍ତା ସହଯୋଗ୍ ଜାରି ରହୁ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇ-କେୱାଇସି ଅବଧି ବଢ଼୍‌ଲା        ଆର୍‌ଏନ୍‌ୟୁ-ସମ୍ବଲପୁର

ରାସନ୍ କାର୍ଡ ହିତାଧିକାରୀଙ୍କର୍ ଇ-କେୱାଇସି ଅପ୍‌ଡେଟ୍ କର୍‌ବାର୍ ଧାରିଜ୍ ସମିଆ ଆଏବା ୩୧ ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ଜିଲ୍ଲାର୍ ଯୋଗାଣ ଅଧିକାରୀମାନ୍‌କୁ ଯୋଗାଣ ବିଭାଗ୍ ଅତିରିକ୍ତ ସଚିବ ଚିଠି ଲେଖିଛନ୍ । ଆଏଜ୍‌ତକ୍ ୫୦ ଲଖ୍ ରାସନ୍ କାର୍ଡ ହିତାଧିକାରୀ ଇ-କେୱାଇସି ଅପ୍‌ଡେଟ୍ ନାଇଁ କରି ।

ହେଥିର୍‌ଲାଗି ସେମାନେ ମାହାଲିଆ ଚାଉଲ୍ ପାଇ ନେ ପାର୍‌ବାର ବଲି ସଚିବ କହିଛନ୍ ।

ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ            ମହାଲିଙ୍ଗ୍ - ଏକ୍ସ

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଲାଗି ଧନୁପାଲି ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍, ବର୍‌ଗଡ୍ ଜିଲ୍ଲାର୍ ଛିଣ୍ଡେଇକେଲା ସବ୍‌ସେଂଟର୍, ରାଉର୍‌କେଲାର୍ ମହତାବ୍ ରୋଡ୍ ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର୍ ଆରୋଗ୍ୟ ମନ୍ଦିର୍ ଆଉ ଭଦ୍ରକ୍ ଜିଲ୍ଲାର୍ ଅରଣ୍ଡୁଆ ସବ୍‌ସେଂଟର୍ ପୁରସ୍କୃତ ହେବେ । ଇ ବାବ୍‌ଦେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ ।

ବର୍‌ଗଡ୍ ଧନୁଯାତ୍ରା        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ୪ ନମ୍ବର୍ ଦିନେ ମଥୁରା ନଗରୀ ନ ବାଣାସୁର ପରାଜୟ, ଷଡ଼ମଲ୍ଲଙ୍କର୍ ମୃତ୍ୟୁ ଖବର୍ ଲାଗି କଂସ ମହାରାଜ୍‌ଙ୍କର୍ ଶୋକ, ରାଣୀ ପଦ୍ମାବତୀଙ୍କର୍ ଧନୁଶ୍ରୀ ଉଷା ଲାଗି ପ୍ରସ୍ତୁତି, ପୁତ୍‌ନା, ବକା,

ଶକଟା, ତୃଣା, ଧେନୁ, ଷଣ୍ଢାସୁର, ଷଡ଼ମଲ୍ଲଙ୍କୁ ଗୋପପୁର ପ୍ରେରଣ, ମୁକ୍ତେଶ୍ୱର୍ ବାବାଙ୍କର୍ ରୁଦ୍ରାଭିଷେକ ବାଗିର୍ ଦୃଶ୍ୟ ଅଭିନୟ ହେବା । ସେଆଡ଼େ ଗୋପପୁର୍ ନ କୃଷ୍ଣଙ୍କର୍ ବାଲ୍ୟଲୀଳା, କଂସ ପଠେଇଥିବା ରାକ୍ଷସ୍‌ମାନ୍‌କର୍ ବଧ ଆର୍ ନନ୍ଦୋତ୍ସବ୍ ଦୃଶ୍ୟ ହେବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ସୁର୍‌ମା ହକି କ୍ଲବ୍ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହେଇଥିବା ମେଚ୍‌ଥି ସୁର୍‌ମା ହକି କ୍ଲବ୍- ବେଦାନ୍ତ କଳିଙ୍ଗ ଲାନ୍‌ସର୍ସକେ ୪-୩ ଗୋଲ୍‌ଥି ହରେଇଛେ । ସେଆଡ଼େ ତାମିଲନାଡୁ ଡ୍ରାଗନ୍ସ - ୟୁପି ରୁଦ୍ରାସ୍‌କେ ୨-ଶୂନ୍ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍‌ନୁ ଶୀତ୍ ଟିକେ କମ୍‌ବା । ଉତର୍‌ପଶ୍ଚିମ ଭାଗେ ଗୁଟେ ପଶ୍ଚିମାଝଡ଼୍ ସକ୍ରିୟ ରହେବାର୍ ସମ୍ଭାବନା ଅଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଏଜେ ସୁନ୍ଦର୍‌ଗଡ଼୍, କନ୍ଧମାଲ୍, କୋରାପୁଟ୍, କଲାହାଣ୍ଡି, କେନ୍ଦୁଝର୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ କୁହୁଡ଼ି ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୭ ଟା ସହର୍ ନ ତାପମାତ୍ରା ୧୦ ଡିଗ୍ରୀ ତଲେ ଥିବାର୍ ବେଲେ ରାତିର୍ ସବୁନୁ କମ୍ ତାପମାତ୍ରା ଫୁଲ୍‌ବାଣୀ ନ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।